101 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2021-2023

- Koraput, Monday 18 January 2021
- କୋରାପୁଟ, ସୋମବାର ୧୮ ଜାନୁଆରୀ ୨୦୨୧
- ଆଜି ମକର ୫ ଦିନ, ୧୪୨୮ ସାଲ
- ପୌଷ ୨୮ ଦିନ, ୧୯୪୨ ଶକାବ୍ଦ, ଶୁକ୍ଳପକ୍ଷ ପଞ୍ଚମୀ
- ଭାଗ- ୯୨ ସଂଖ୍ୟା- ୧୮
- www.thesamaja.com
  www.samajaepaper.com
  www.samajalive.in

ଟ ୫.୦୦ (୧୬ ପୃଷ୍ଠା)

ସମାଜ®
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, VISAKHAPATNAM

# ପ୍ରଗତି ପାଇଁ ପ୍ରାଣପ୍ରଣେ ଚେଷ୍ଟା କରିବି: କୁଳପତି

**ଓଡ଼ିଶା କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଗତି ପାଇଁ ପ୍ରାଣପ୍ରଣେ ଚେଷ୍ଟା କରିବି ବୋଲି କହିଛନ୍ତି କୁଳପତି ପ୍ରଫେସର ଆଇ.ରାମବ୍ରହ୍ମମ । ନିଜର ଏକବର୍ଷର କାର୍ଯ୍ୟକାଳ ଇତିମଧ୍ୟରେ ଶେଷ ହୋଇଥିବାବେଳେ ବିଶ୍ୱବିଦ୍ୟାଳୟର ବିକାଶ ଓ ପ୍ରଗତି ସହ ଆଗାମୀ ଯୋଜନା ଉପରେ କ'ଣ ସବୁ ରହିଛି ଯୋଜନା, କରୋନା କାଳରେ କେମିତି ଚାଲିଛି ଶିକ୍ଷା ବ୍ୟବସ୍ଥା ସେସବୁ ଜାଣିବା ପାଇଁ ଆମେ ଚାହିଁଥିଲୁ । କୁଳପତି ଯାହା କହିଥିଲେ...**

**ପ୍ରଶ୍ନ : ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ କୁଳପତି ଭାବେ ନିଯୁକ୍ତ ହେବା ନେଇ ଆପଣଙ୍କର ପ୍ରାରମ୍ଭିକ ଚିନ୍ତା କଣ ଥିଲା ।**

ବେଶ୍ ଉତ୍ସାହଜନକ ଥିଲା । ଆନନ୍ଦର ମୂହୁର୍ତ୍ତ ସାଙ୍ଗକୁ ଅନେକ ଆହ୍ୱାନ ଓ ଅନେକ ସୁଯୋଗ ଏକତ୍ର ମିଳିଥିଲା । ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସହ ମୋର ଏକ ବର୍ଷର ଏକନିଷ୍ଠ କର୍ମ ମୋର ଆତ୍ମବିଶ୍ୱାସକୁ ଅଧିକ ଦୃଢ଼ୀଭୂତ କରିଥିଲା ।

**ପ୍ରଶ୍ନ:ଯୋଗଦାନ ବେଳେ କେଉଁସବୁ ଆହ୍ୱାନ ଥିଲା ଓ ଆପଣ ସେସବୁ କିପରି ସମାଧାନ କରିପାରିଛନ୍ତି ।**

ମୋ ପାଇଁ ସବୁଠାରୁ ବଡ଼ ଆହ୍ୱାନ ଥିଲା ଛାତ୍ର-ଛାତ୍ରୀଙ୍କ ବିବଧତା ଅନୁପାତରେ ଖୁବ ସ୍ୱଳ୍ପ ସଂଖ୍ୟକ ଶିକ୍ଷକ ଓ ଅଣ-ଶିକ୍ଷକ କର୍ମଚାରୀଙ୍କ ସଂଖ୍ୟା । କୋରାପୁଟର ଭୌଗୋଳିକ ପରିସ୍ଥିତି ସହ ସାମାଜିକ-ଆର୍ଥନୀତିକ ବିସଙ୍ଗତି ସହ ଜନଜାତି ବହୁଳ କେବିକେ ଅଞ୍ଚଳର ଉଦାସୀନତା ତଥା ଅସହାୟ ମାନସିକତା କାର୍ଯ୍ୟଶୈଳୀରେ ଅନେକ ପ୍ରତିବନ୍ଧକ ସୃଷ୍ଟି କରିଥିଲେ ମଧ୍ୟ ଆମେ ଆଗେଇବାକୁ ଚେଷ୍ଟା କରିଛୁ । ଭିତ୍ତିଭୂମିର ଅଭାବ ଏବଂ ଅନୁଦାନଗତ ସମସ୍ୟା ମଧ୍ୟ ମୋ ପାଇଁ ସବୁଠାରୁ ବଡ଼ ଆହ୍ୱାନ ଥିଲା । ମୋର ଶିକ୍ଷକ ଓ ଅଣ-ଶିକ୍ଷକ ସହଯୋଗୀଙ୍କ ଅବିସ୍ମରଣୀୟ ସମର୍ଥନ ଓ ସହଯୋଗ ମୋତେ ବେଶ୍ ସହାୟକ ହୋଇଛି । ଏପରିକି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଆର୍ଥିକ ଅନୁଦାନ ସହ ନୂତନ ଭିତ୍ତିଭୂମି ପ୍ରତିଷ୍ଠାଗତ ସହାୟତା ଆମକୁ ଉତ୍ସାହିତ କରିଛି ।



**ପ୍ରଶ୍ନ: ଆପଣଙ୍କର ଲକ୍ଷ୍ୟ ଓ ଆଭିମୁଖ୍ୟ କ'ଣ ଓ ଆପଣ କିଭଳି ହାସଲ କରିବେ ବୋଲି ଭାବିଛନ୍ତି ।**

ବିଶ୍ୱବିଦ୍ୟାଳୟକୁ ଏକ ଶିଖରକୁ ନେବା ସହ ଏହାକୁ କେବିକେ ଅଞ୍ଚଳର ଏକ ପ୍ରମୁଖ ଶିକ୍ଷାକେନ୍ଦ୍ର ବା ଶିକ୍ଷା-ମନ୍ଦିର ଭାବେ ଗଢି ତୋଳିବାର ସ୍ୱପ୍ନ ଦେଖିଛି । ପୂର୍ବାଞ୍ଚଳର ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟ ଶିକ୍ଷାର ବିକାଶ ନେଇ ମୁଖ୍ୟସ୍ରୋତକୁ ଆଗେଇ ଆସିବା ଉଚିତ । ଆଇ.ସି.ଟି.ର ପ୍ରୟୋଗ, ବିଜ୍ଞାନଭିତ୍ତିକ ସର୍ଜନାତ୍ମକତା ତଥା ବୈଷୟିକ କୌଶଳର ଉପଯୋଗ ସହ ସାମୂହିକ ଭାବେ ଆମର ସାମାଜିକ-ଆର୍ଥିକ ବିକାଶ କ୍ଷେତ୍ରରେ ଯୋଗଦାନ କରିବା ଉଚିତ । ଅନୁସୂଚିତ ଜାତି/ଅନୁସୂଚିତ ଜନଜାତିଙ୍କ ଶୈକ୍ଷିକ ଓ ଦକ୍ଷତାର ବିକାଶ ଏବଂ ରୋଜଗାରକୁ ପ୍ରାଥମିକତା ପ୍ରଦାନ କରିବା ନେଇ ସଚେତନତା ଲୋଡ଼ା । ଏ ସମସ୍ତ ପଦକ୍ଷେପ ସହ ମୁଁ ଏହି ବିଶ୍ୱବିଦ୍ୟାଳୟକୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର 'ଇନିଷ୍ଟିଚ୍ୟୁଟ ଅଫ ଏକ୍ସଲେନ୍ସ' ବା ପ୍ରଶଂସନୀୟ ପ୍ରତିଷ୍ଠାନର ମର୍ଯ୍ୟାଦା ପ୍ରଦାନ କରାଇବା ନେଇ ଲକ୍ଷ୍ୟ ରଖିଛି । ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ନିକଟରେ ୫୬ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମଧ୍ୟରୁ ୨୦ତମ ସ୍ଥାନ ପାଇଛି । ଏପରିକି ଆମେ ୨୦୨୦ରେ ୧୫୦ ସରକାରୀ ବିଶ୍ୱବିଦ୍ୟାଳୟର ମଧ୍ୟରେ ଭାରତୀୟ ସ୍ତରରେ ୭୨ତମ ସ୍ଥାନ ଲାଭ କରିଛୁ ଏବଂ ଓଡ଼ିଶାରେ ପ୍ରଥମ ସ୍ଥାନ ଲାଭ କରିଛୁ । ବିଶେଷତଃ ଏହା ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ଛତିଶଗଡ ଏବଂ ତେଲେଙ୍ଗାନା ଭଳି ପଡୋଶୀ ରାଜ୍ୟର ଶୈକ୍ଷିକ ବିକାଶ ନେଇ ଏଭଳି ଏକ ଦୃଷ୍ଟିଭଙ୍ଗୀ ପରିପୋଷଣ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ଲୋଗାନ-" ସବକା ସାଥ୍, ସବକା ବିକାଶ" ର ଦୃଷ୍ଟିଭଙ୍ଗୀ ସହ 'ଜାତୀୟ ଶିକ୍ଷାନୀତି- ୨୦୨୦' ର ଦର୍ଶନ ସାମୂହିକ ଭାବେ ଶିକ୍ଷା ପ୍ରତିଷ୍ଠାନଗୁଡିକ ପ୍ରତି ଏକ ଆହ୍ୱାନ ।

**ପ୍ରଶ୍ନ : ଶୈକ୍ଷିକ ଉତ୍କର୍ଷକୁ ବଜାୟ ରଖିବା ପାଇଁ କେଉଁ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି ।**

ଶୈକ୍ଷିକ ସମଗ୍ରତାକୁ ସୁଦୃଢ଼ କରିବା ତଥା ଶୈକ୍ଷିକ ଭିତ୍ତିଭୂମିକୁ ସମୃଦ୍ଧ କରିବାରେ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାକୁ ସୁସଞ୍ଚ ଓ ଉନ୍ନତ କରିବା ନେଇ ତତ୍ପରତା ଦେଖାଇଛି । ଅନ୍-ଲାଇନ୍ ଶିକ୍ଷାଦାନ ପାଇଁ ସ୍ମାର୍ଟ କ୍ଲାସ ଗୃହର ବ୍ୟବସ୍ଥା କରାଯାଇଛି । ଇ-ଜର୍ନାଲ ତଥା ଅନ୍ୟାନ୍ୟ ମୁଖ୍ୟ ସ୍ରୋତ ପତ୍ରିକା ଓ ପୁସ୍ତକସମୂହର ସଦସ୍ୟତା ସହ କେନ୍ଦ୍ରୀୟ ଗ୍ରନ୍ଥାଗାରକୁ ଉନ୍ନତ କରିବାକୁ ପ୍ରଚେଷ୍ଟା କାରାଯାଇଛି । ଲାଇବ୍ରେରୀ ତଥା ସମସ୍ତ ବିଭାଗର ମାର୍ଗଦର୍ଶନରେ କେତେକ ଲର୍ଣ୍ଣିଂ ରିସୋର୍ସ ସେଣ୍ଟର ସ୍ଥାପନା କରିବା ନେଇ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି । ନିକଟରେ କେନ୍ଦ୍ରମନ୍ତ୍ରୀ ରମେଶ ପୋଖରିଆଲ 'ନିଶଙ୍କ'ଜୀ ଏବଂ ଧର୍ମେନ୍ଦ୍ର ପ୍ରଧାନଜୀଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟର ଶ୍ରେଣୀଗୃହ ସମୂହ, କେନ୍ଦ୍ରୀୟ ଗ୍ରନ୍ଥାଗାରର ସ୍ଥାୟୀ ଗୃହ, ପ୍ରାଶାସନିକ ଭବନ ଓ ଷ୍ଟାଫ-କ୍ୱାର୍ଟର ଆଦିର ଶିଳାନ୍ୟାସ ହେବା ଆମ ପାଇଁ ବେଶ୍ ଗୌରବର କଥା । ଆମେ ଆଶା କରୁଛୁ ଯେ ୨୦୨୨ ସୁଦ୍ଧା ଉନ୍ନତ ଶିକ୍ଷା ଓ ଏହାର ପ୍ରୟୋଗ କ୍ଷେତ୍ରରେ ଏ ସମସ୍ତ ଆମ ପାଇଁ ବେଶ୍ ଲାଭକାରୀ ସାବ୍ୟସ୍ତ ହେବ ।

**ପ୍ରଶ୍ନ: ନୂତନ ଶିକ୍ଷା ନୀତି-୨୦୨୦କୁ ମଧ୍ୟ ସଫଳ କାର୍ଯ୍ୟକାରୀ କରାଇବାରେ କ'ଣ ଚିନ୍ତା କରୁଛନ୍ତି**

ଉତ୍ତର: ହୋମ୍-ବେସ୍‌ଡ଼ ଓପନ୍ ବୁକ୍ ମାଧ୍ୟମରେ ପରୀକ୍ଷା କରାଇବାରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ବୋଧହୁଏ ପ୍ରଥମ । ୨୦୧୮-୧୯ ଶିକ୍ଷାବର୍ଷର ଫାଇନାଲ ପରୀକ୍ଷାକୁ ଛାତ୍ର/ଛାତ୍ରୀମାନେ ଅନୁଭବ କରିଛନ୍ତି । ହଁ , ନୂତନ ଶିକ୍ଷା ନୀତି-୨୦୨୦ର କାର୍ଯ୍ୟକାରୀ ହେବା ଆମର ସର୍ବୋଚ୍ଚ ପ୍ରଥମିକତା । ଆଞ୍ଚଳିକ ବିକାଶ ପାଇଁ ସକରାତ୍ମକତା ସହ ଆମେ ଆମର ପାଠ୍ୟକ୍ରମକୁ ପରିବର୍ତ୍ତନ କରିଛୁ । ପବ୍ଲିକ୍ ପଲିସି ଏବଂ ଆଞ୍ଚଳିକ ବିକାଶ ପାଇଁ ପ୍ରତିଷ୍ଠାନ ସମୂହ ସହ ସହାନୁବନ୍ଧିତ ହୋଇ କାର୍ଯ୍ୟ କରିବା ସହ ଶୈକ୍ଷିକ ଓ ଅନୁସନ୍ଧାନାତ୍ମକ ଗବେଷଣାରେ ପାରଦର୍ଶିତା ପ୍ରଦର୍ଶନ କରିବା ଆମର ଅନ୍ୟତମ ଲକ୍ଷ୍ୟ । ଏକତ୍ର ଶୈକ୍ଷିକ ବିକାଶରେ ସାମିଲ ହେବାପାଇଁ ମୁକ୍ତ ଅନ୍-ଲାଇନ୍ ଭିତ୍ତିକ ଶିକ୍ଷାର ପାଠ୍ୟକ୍ରମ ପ୍ରସ୍ତୁତି ଓ ଶିକ୍ଷଣ ପାଇଁ କାର୍ଯ୍ୟକ୍ରମ ଜାରି ରହିଛି । ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗ ୩୦ଟି ସ୍ନାତକୋତ୍ତର ପ୍ରୋଗ୍ରାମରେ ଦୁଇଟି କିମ୍ବା ଅଧିକ ମାସିଭ୍ ଓପନ୍ ଅନ-ଲାଇନ କୋର୍ସ ବା ମୁକ୍ତ ଅନ୍- ଲାଇନ୍ ଭିତ୍ତିକ ଶିକ୍ଷା ପାଠ୍ୟକ୍ରମକୁ କାର୍ଯ୍ୟକାରୀ କରିବା ନିମନ୍ତେ ପଦକ୍ଷେପ ନେଇଛନ୍ତି ।

**ପ୍ରଶ୍ନ:ନିକଟରେ କେଉଁ ସବୁ ନୂଆ ପାଠ୍ୟକ୍ରମ ଖୋଲାଯିବାର ଯୋଜନା ରହିଛି**

ପ୍ରମୁଖ ବିଜ୍ଞାନ ବିଭାଗର ପାଠ୍ୟକ୍ରମ ଆଦି ଖୋଲାଯିବା ସହ ପବ୍ଲିକ୍ ପଲିସି, ପବ୍ଲିକ ହେଲଥ , ସାଇକୋଲୋଜି, ଜେଣ୍ଡର୍ ଷ୍ଟଡିଜ୍ ଆଦି ବିଷୟ ସହ ବିଶ୍ୱବିଦ୍ୟାଳୟର ସ୍ଥାୟୀ ବିକାଶ ନେଇ ବିବିଧ ଲକ୍ଷ୍ୟ ରହିଛି, ଯାହାକି ୨୦୨୧-୨୨ ପାଇଁ ଲକ୍ଷ୍ୟଧାର୍ଯ୍ୟ କାରାଯାଇଛି । ସେହିଭଳି ୮୭ଜଣ ଶୈକ୍ଷିକ ଏବଂ ୪୦ଜଣ ଅଣ-ଶୈକ୍ଷିକ କର୍ମଚାରୀଙ୍କ ନିଯୁକ୍ତିର ପ୍ରକ୍ରିୟା ଜାରି ରହିଛି । ୨୦୨୧ରେ ଆମେ ଆମର ଶିକ୍ଷା ଓ ପ୍ରଶାସନ ଉଭୟକୁ ଅଧିକ ମଜଭୁତ୍ କରିପାରିବୁ ବୋଲି ସ୍ଥିର ନିଶ୍ଚିତ ରହିଛୁ । ଏପରିକି ଭାରତୀୟ ସଂସ୍କୃତିର ନିରନ୍ତର ଅନୁସନ୍ଧାନ ଓ ସେ ଦିଗରେ ଅଧିକ ପ୍ରୋତ୍ସାହିତ କରିବାପାଇଁ ଏକ 'ଇଣ୍ଡିକ୍ ଷ୍ଟଡିଜ୍' କେନ୍ଦ୍ର ଖୋଲିବା ପାଇଁ ପ୍ରସ୍ତାବ ମଧ୍ୟ ଦେଇଛୁ ।

**ପ୍ରଶ୍ନ: ବିକାଶ ପାଇଁ କ'ଣ କହିବେ**

ଯାହା ବି ବିଶ୍ୱବିଦ୍ୟାଳୟ ନେଇ ଯୋଜନା ଓ ସ୍ୱପ୍ନ ରହିଛି ସେସବୁର ସଫଳ ରୂପାୟନ ପାଇଁ ସମସ୍ତଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି । ମୁଁ ସମସ୍ତଙ୍କଠାରୁ ନିରନ୍ତର ମୁକ୍ତ ଓ ଆତ୍ମିକ ସହଯୋଗ କାମନା କରୁଛି ।